# Akashvani, Sambalpur

## SAMBALPURI NEWS EVENING BULLETIN

## 9 October 2024- 7.02 pm- 7.12 pm.

*********************************************

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୩୫ ଲାଖ୍ ହିତାଧିକାରୀଙ୍କୁ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ ଖେପ୍ ପହେଲା କିସ୍ତି ଟଙ୍କା ମିଲ୍‌ବା । ହିତାଧିକାରୀମାନ୍‌କର୍ ବେଙ୍କ୍‌ଖାତାକେ ସିଧାସଲଖ୍ ୫ ହଜାର୍ ଟଙ୍କା ପୁହୁଁଚିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବାରିପଦା ନ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଇ ଟଙ୍କା ବାଂଟ୍‌ବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମ୍‌କେ ସୂଚନା ଦେଇଛନ୍ ଯେ, ୧ କୋଟି ୨୦ ହଜାର୍ ମହିଳା ଗଲା ସୋମ୍‌ବାର୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ ।

ସର୍‌କାରୀ କର୍ମଚାରୀ- ଗ୍ରାଚୁଇଟି ବୃଦ୍ଧି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସର୍କାରୀ କର୍ମଚାରୀମାନ୍କର୍ ଗ୍ରାଚୁଇଟିର୍ ସୀମା ୧୫ ଲାଖ୍ନୁ ୨୦ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ନିଷ୍ପତିକେ ଅନୁମୋଦନ୍ କରିଛନ୍ । ନିଷ୍ପତି ଅନ୍ସାରେ ରାଜ୍ୟ ସର୍କାରୀ କର୍ମଚାରୀଙ୍କର୍ ମୃତ୍ୟୁ ହେଲେ କି ସେମାନେ ଅବସର ନେଲେ ଏତ୍କର ୨୦ ଲାଖ୍ ଟଙ୍କା ତକ୍ ଗ୍ରାଚୁଇଟି ପାଏବେ ଆର୍ ଇ ନିଷ୍ପତି ପିଛିଲା ଭାବେ ଗଲା ଜାନୁଆରୀ ୧ ତାରିଖ୍ନୁ ଲାଗୁ ହେବା ।

ଉତ୍କଳମଣି ଗୋପବନ୍ଧୁ ଦାସ ଆର୍ଏନ୍ୟୁ / ସମ୍ବଲପୁର

ଉତ୍କଳମଣି ଗୋପବନ୍ଧୁ ଦାସ୍ଙ୍କର୍ ଆଏଜ୍ ହେଉଛେ ଜନମ୍ ଦିନ୍ । ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ଦିନ ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଗାଁ ନ ସେ ଜନ୍ମିଥିଲେ । ୧୯୨୧ ମସିହାଥି ସେ ଓଡ଼ିଶା ପ୍ରଦେଶ୍ କଂଗ୍ରେସ୍ର ପହେଲା ସଭାପତି ହେଇଥିଲେ । ଓଡ଼ିଶା ନ ସ୍ୱାଧୀନତା ସଂଗ୍ରାମ୍କେ ଚଲାବାର୍ଥି ନେତୃତ୍ୱ ନେଇଥିବା ଗୋପବନ୍ଧୁ ଦାସ ସାରା ଜୀବନ୍ ଓଡ଼ିଆ ଭାଷାର୍ ସୁରକ୍ଷା, ପ୍ରାକୃତିକ୍ ବିପର୍ଯ୍ୟୟକେ ସାମ୍ନା କରୁଥିବା ଓଡ଼ିଶାର୍ ଲୁକ୍କୁ ରିଲିଫ୍ ପୁହୁଁଚାବାର୍ ସଙ୍ଗେ ଓଡ଼ିଆ ସାମ୍ବାଦିକତା କ୍ଷେତ୍ର ନ ଅଗ୍ରଣୀ ଭୂମିକା ନେଇଥିଲେ । ଆଏଜ୍ ରାଜଧାନୀ ଭୁବ୍ନେଶ୍ୱର୍ ସହେତେ

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଉତ୍କଳମଣିଙ୍କର୍ ଜୟନ୍ତୀ ସମାରୋହ ଆୟୋଜନ୍ କରାଯାଇଛେ ।

କାର୍ତିକ ବ୍ରତ ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଇ ବଛର୍ କାର୍ତିକ୍ ମାସେ ଅଧ୍ରାତି ୧୨ ବଜେ ପହୁଡ୍ ହେଇକରି ପହପହର୍ ୪ ବଜେ ଦୁଆର ଫିଟାଯିବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ଛତିଶାନିଯୋଗ ବୈଠକ୍ଥି ଧାରିଜ୍ ହେଇଛେ । ସୂଚ୍ନା ଅନ୍ସାରେ ଇ ବଛର୍ ଆଏବା ୧୪ ତାରିଖ୍ ଦଶ୍ରା ଉଜଲ୍ପଖର୍ ଏକାଦଶୀ ତିଥିନୁ ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ ମାସର ବାଲଧୂପ ନୀତି ମୁଲ୍ ହେବା । ସେଦିନ ମାହାପୁରୁଙ୍କର୍ ରାଧାଦାମୋଦର୍ ବେଶ ମୁଲ୍ ହେଇକରି କାର୍ତିକ୍ ଉଜଲ୍ପଖର୍ ଦଶ୍ମୀ ତକ୍ ଚାଲ୍ବା । ହେଲେ ଇ ବଛର୍ ପଂଚ୍କ ୪ ଦିନ୍ ପଡ଼ିଛେ । ହେଥିର୍ଲାଗି ପଂଚ୍କ ସମିଆଥି ମାହାପୁରୁଙ୍କର୍ ଲକ୍ଷ୍ମୀ ନୃସିଂହ ବେଶ ନାଇଁ ହୁଏ । ପଂଚ୍କର ଶେଷ୍ ଦିନେ ନଭେମ୍ବର୍ ୧୫ ତାରିଖ୍ ଦିନ ମାହାପୁରୁଙ୍କର୍ ସୁନାବେଶ ରାଜାଧିରାଜ ବେଶ ହେବା । ମାହାପୁରୁଙ୍କର୍ ଇ ଖାସ୍ ନୀତିକାନ୍ତି ଯେନ୍ତା ଠିକ୍ଠାକ୍ ହେବା ହେଥିର୍ଲାଗି ବୈଠକ୍ ନ ଆଲୋଚନା କରାଯାଇଥିଲା ।

ବୋନ୍ ବେଙ୍କ                ଆର୍ଏନ୍ୟୁ / ସମ୍ବଲପୁର

କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ଡାକ୍ତର୍ଖାନା ନ ଅସ୍ଥି ଭଣ୍ଡାର୍ - ବୋନ୍ ବେଙ୍କ୍ ଆର୍ ଦକ୍ଷତା ପ୍ରୟୋଗ୍ଶାଲା ସ୍କିଲ୍ ଲେବ୍ ଲୋକାର୍ପିତ୍ ହେଇଯାଇଛେ । ଗଲାକାଏଲ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇତାର୍ ଉଦ୍ଘାଟନ୍ କରିଥିଲେ । ବୋନ୍ ବେଙ୍କ୍ ଅସ୍ଥିଶଲ୍ୟ ରୋଗୀ ଆର୍ ଦୁର୍ଘଟଣାଥି ପଡ଼ିଥିବା ଲୁକ୍କର୍ ଚିକିତ୍ସାଥି ଖାସ୍ ସାହାଜ୍ କର୍ବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଜନଜାତୀୟ ଗୌରବ୍ ଦିବସ                ଆର୍ଏନ୍ୟୁ / ସମ୍ବଲପୁର

ଆଦିବାସୀ ନେତା ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ତମ ଜୟନ୍ତୀ ଇ ବଛର୍ ରାଏଜେ ଜନଜାତୀୟ ଗୌରବ୍ ଦିବସ୍  ଭାବେ ପାଲନ୍ କର୍ବାର୍କେ ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ଗଲାକାଏଲ୍ ଭୁବନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ର ନିଷ୍ପତି ଅନ୍ସାରେ ଆଏବା ନଭେମ୍ବର୍ ୧୫ ତାରିଖ୍ନୁ ୨୦୨୫ ମସିହା ନଭେମ୍ବର୍ ୧୫ ତାରିଖ୍ତକ୍ ବଛ୍ରେ ଧରିକରି ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ପାଲନ୍ ଅବ୍ସରେ ଆଦିବାସୀ କଳା, ସଂସ୍କୃତି, ଐତିହ୍ୟ ଆର୍ ଇତିହାସ୍ର ପ୍ରଚାର୍

ପ୍ରଚାର୍, ଶିକ୍ଷା ଆଉ ଦକ୍ଷତା ବିକାଶ୍ ଆର୍ ସ୍ୱାସ୍ଥ୍ୟ ସଚେତନତା ବାବଦ୍ କାର୍ଯ୍ୟକ୍ରମ୍ ମାନ୍ ହେବା । ଆଦିବାସୀମାନ୍‌କର୍ ଜୀବିକାର୍ ସୁରକ୍ଷା ଆର୍ ଆର୍ଥିକ୍ ବିକାଶ୍ ଲାଗି ପଦକ୍ଷେପ୍ ନିଆଯିବା । ଆଏବା ନଭେମ୍ବର୍ ୧୫ ତାରିଖ୍ ଦିନ ରାଉର୍‌କେଲା ନ ବର୍ଷବ୍ୟାପୀ ଜୟନ୍ତୀ କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନୀ ସମାରୋହ ହେବା ।

ଆଲୁ ବିହନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଚାଷୀମାନ୍‌କୁ ଦଶ୍‌ରା ଉତ୍‌ରୁ ଉନ୍ନତମାନର୍ ଆଲୁ ବିହନ୍ ଯୁଗେଇ ଦେବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ନିଷ୍ପତି ନେଇଛନ୍ । ସେ ଅନ୍‌ସାରେ ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ପଦ୍ମପୁର୍, ଆଠ୍‌ମଲ୍ଲିକ୍, ବଲାଙ୍ଗିର୍, ବୌଦ୍ଧ, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ଭବାନୀପାଟ୍‌ନା, ଧର୍ମଗଡ଼୍, କୁଚିଣ୍ଡା, ରେଢ଼ାଖୋଲ୍, ସୋନ୍‌ପୁର୍, ବୀର୍‌ମହାରାଜ୍‌ପୁର୍, ସୁନ୍ଦର୍‌ଗଡ଼୍, ପାନ୍‌ପୋଷ ଆର୍ ବଣେଇ ସହେତେ ରାଜ୍ୟର୍ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଆର୍ ଅତିରିକ୍ତ ଉପନିର୍ଦ୍ଦେଶକଙ୍କର୍ କାର୍ଯ୍ୟାଲୟଥି ଆଲୁ ବିହନ୍ ପୁହୁଁଚାଯାଇଛେ ବଲି କୃଷି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବନ୍ୟପ୍ରାଣୀ ଅପରାଧ-ଅଦାଲତ୍ ଥାପ୍ନା ଆର୍ଏନ୍ୟୁ
/ସମ୍ବଲପୁର

ରାଏଜେ ବନ୍ୟପ୍ରାଣୀ ଅପରାଧ୍ ବାବଦ୍ ମାମ୍ଲା ମାନ୍କର୍ ଜଲ୍ଦି ବିଚାର୍ ଲାଗି ଫି' ଜିଲ୍ଲା ନ ଖାସ୍ ଅଦାଲତ୍ ଥାପ୍ନା ହେବା । ଇ ବାବ୍ଦେ ହାଇକୋର୍ଟ ରାଜ୍ୟ ସର୍କାର୍ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ରାଜ୍ୟର୍ ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ - ବନ୍ୟଜନ୍ତୁ ଆର୍ ମୁଖ୍ୟ ବନ୍ୟପ୍ରାଣୀ ତତ୍ୱାବଧାରକ ସୁଶାନ୍ତ ନନ୍ଦ କହିଛନ୍ । ହାଇକୋର୍ଟଙ୍କର୍ ଇଟା ଗୁଟେ ଐତିହାସିକ୍ ନିଷ୍ପତି ଆଏ । ଇ ନିଷ୍ପତି ଜରିଏ ପେଶାଦାର୍ ଶିକାରୀ ଆର୍ ତସ୍କର୍ମାନ୍କୁ ଠିକ୍ ଭାବେ ଦଣ୍ଡ ମିଳିପାର୍ବା ।

ଅଟଳ ପେନ୍ସନ୍ -ପଞ୍ଜିକରଣ ଆର୍ଏନ୍ୟୁ /ସମ୍ବଲପୁର

ଅଟଳ ପେନ୍ସନ୍ ଯୋଜ୍ନାଥି ଚଲ୍ତି ୨୦୨୪-୨୫ ଆର୍ଥିକ୍ ବଛ୍ରେ ୫୬ ଲାଖ୍ ନୁ ଅଏତ୍କା ପଞ୍ଜିକରଣ୍ ହେଇଛେ । ଇତାର୍ସଙ୍ଗେ ଅଟଳ ପେନ୍ସନ୍ ଯୋଜ୍ନାଥି ମୋଟ୍ ପଞ୍ଜିକରଣ୍ ୭ କୋଟି ପାର୍ କରିଛେ ବଲି ଅର୍ଥମନ୍ତ୍ରଣାଳୟ ତର୍ଫୁ ସୂଚ୍ନା ଦିଆଯାଇଚେ । ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍ ସର୍କାର୍ ଗରିବ୍, ଅବହେଳିତ ଆର୍ ଅସଂଗଠିତ କ୍ଷେତ୍ରର୍ ଶ୍ରମିକ୍ମାନ୍କୁ ସାମାଜିକ୍ ସୁରକ୍ଷା ଦେବାର୍ ଲାଗି ୨୦୧୫ ମସିହା ମେ ୯

ତାରିଖ୍ ଦିନ ଅଟଲ ପେନ୍‌ସନ୍ ଯୋଜ୍‌ନାର୍ ମୁଲ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ କେତେଟା ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସୂଚ୍‌ନା ଅନ୍‌ସାରେ ପଶ୍ଚିମ୍ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୯ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ।